# NATIONAL NEWS BULLETIN (ODIA)
## 25th April - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ନୀତି ଆୟୋଗର ପୁନର୍ଗଠନ କଲେ ସରକାର ।

— ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିରି ।

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ବୃଦ୍ଧି ପାଉଛି ପ୍ରଚାର ଉଷ୍ମତା ।

- ବେଙ୍ଗାଲୁରୁଠାରେ ଆତ୍ମନିର୍ଭର ଦ୍ରୁତଗାମୀ ବୁଲେଟ୍ ଟ୍ରେନ୍ ନର୍ମାଣ କାରଖାନାର ଉଦ୍‌ଘାଟନ କଲେ ରେଳମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍‌ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ସନ୍‌ରାଇଜର୍ସ ହାଇଦ୍ରାବାଦ ।

## ନିୟୁ ପି.ଏମ୍. - ନୀତି ଆୟୋଗ

କେନ୍ଦ୍ର ସରକାର ନୀତି ଆୟୋଗର ପୁନର୍ଗଠନ କରିଛନ୍ତି । ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିରିଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ପୂର୍ବରୁ ଉପାଧ୍ୟକ୍ଷ ଥିବା ସୁମନ କେ. ବେରୀଙ୍କ ସ୍ଥାନରେ ଶ୍ରୀ ଲାହିରିଙ୍କୁ ଅବସ୍ଥାପିତ କରାଯାଇଛି । ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ରାଜିବ ଗୌବା, ପ୍ରଫେସର କେ. ଭି. ରାଜୁ, ପ୍ରଫେସର ଗୋବର୍ଦ୍ଧନ ଦାସ, ଡକ୍ଟର ଏମ୍. ଶ୍ରୀନିବାସ ଏବଂ ପ୍ରଫେସର ଅଭୟ କାରାଣ୍ଡିକରଙ୍କୁ ନିଯୁକ୍ତି ମିଳିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କହିଛନ୍ତି, ନୀତି ଆୟୋଗ ନବସୃଜନ ଏବଂ ଦୀର୍ଘସ୍ଥାୟୀ ଭାବନାତ୍ମକ ରଣକୌଶଳ ଭାବେ ଦେଶର ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ।

ନୀତି ଆୟୋଗର ନବନିର୍ବାଚିତ ଉପାଧ୍ୟକ୍ଷ ଶ୍ରୀ ଲାହିରି ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିଛନ୍ତି । ସାକ୍ଷାତ୍ ଆଲୋଚନାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ଲାହିରିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ଲାହିରିଙ୍କ ଅର୍ଥନୀତି

କ୍ଷେତ୍ରରେ ଅଭିଜ୍ଞତା ଏବଂ ନୀତି ନିର୍ମାଣ ଦେଶର ସଂସ୍କାର ଯାତ୍ରାକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସଫଳ ହେବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ନୀତି ଆୟୋଗର ନବନିର୍ବାଚିତ ପୂର୍ଣ୍ଣକାଳୀନ ସଦସ୍ୟମାନଙ୍କୁ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଡବ୍ଲ୍ୟୁ.ବି. କ୍ୟାମ୍ପେନ୍

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପ୍ରସାର ଉଷ୍ମତା ବୃଦ୍ଧି ପାଉଛି । ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ଶୀର୍ଷ ନେତୃତ୍ୱ ନିର୍ବାଚନ ପ୍ରଚାରରେ ସାମିଲ୍ ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ଜନସମାବେଶ, ରୋଡ୍‌ଶୋ', ନିର୍ବାଚନୀ ର୍‍ୟାଲି ଏବଂ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି ।

ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପୂର୍ବ ବର୍ଦ୍ଧମାନ୍ ଜିଲ୍ଲାର ଜମାଲ୍‌ପୁରଠାରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି କହିଛନ୍ତି, ରାଜ୍ୟରେ ବି.ଜେ.ପି. ସରକାର ଗଠନ କଲେ ଏକକ ନାଗରିକ ସଂହିତା ଏବଂ ସପ୍ତମ ବେତନ କମିଶନ ଲାଗୁ କରାଯିବ । ମହିଳାଙ୍କ ପାଇଁ ମାଗଣା ବସ୍‌ଯାତ୍ରାର ସୁବିଧା ପ୍ରଦାନ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି ।

ହୁଗ୍‌ଲୀଠାରେ ଜନସମାବେଶକୁ ସମ୍ବୋଧନ କରି ବି.ଜେ.ପି.ର ଅନ୍ୟତମ ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ମହିଳାଙ୍କପାଇଁ ୩ ହଜାର ଟଙ୍କାର ସହାୟତା ଏବଂ ଖାଲିପଡ଼ିଥିବା ସରକାରୀ ପଦବୀ ପୂରଣରେ ସେମାନଙ୍କୁ ପ୍ରାଥମିକତା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ।

ଦଳର ଅନ୍ୟତମ ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବିନ ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

ବର୍ଦ୍ଧମାନ୍ ଓ ଉତ୍ତର ୨୪ ପ୍ରଗଣା ଅଞ୍ଚଳରେ ପ୍ରଚାର କାର୍ଯ୍ୟରେ ସାମିଲ୍ ହୋଇଥିଲେ ।

ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଅନ୍ୟତମ ନେତା ଅଭିଷେକ ବାନାର୍ଜୀ' ରାଜ୍ୟକୁ କେନ୍ଦ୍ରୀୟ ବିକାଶ ପାଣ୍ଠି ବନ୍ଦ ହେବା ନେଇ ଅଭିଯୋଗ କରିଛନ୍ତି ।

ଶ୍ରୀରାମପୁରଠାରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି ।

ଏହି ପର୍ଯ୍ୟାୟ ନିର୍ବାଚନପାଇଁ ଆସନ୍ତା ବୁଧବାର ଦିନ ୧୪୨ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ ।

## ତେଲଙ୍ଗାନା ମାଓଇଷ୍ଟସ ସରେଣ୍ଡର

ହାଇଦ୍ରାବାଦଠାରେ ତେଲଙ୍ଗାନା ପୁଲିସ୍ ନିକଟରେ ଆଜି ୪୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ କିଛି ମହିଳା ସଦସ୍ୟ ଅନ୍ତର୍ଭୁକ୍ତ । ଛତିଶଗଡ଼ର ଦକ୍ଷିଣ ବସ୍ତର ଡିଭିଜନରେ ଏହି ମାଓବାଦୀମାନେ ସକ୍ରିୟ ଥିଲେ । ଏସମ୍ପର୍କରେ ସୂଚନା ଦେଇ ତେଲଙ୍ଗାନା ପୁଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀ କହିଛନ୍ତି, ଆତ୍ମସମର୍ପଣ ସମୟରେ ମାଓବାଦୀମାନେ ୩୨ଟି ଅସ୍ତ୍ରଶସ୍ତ୍ର ପୁଲିସକୁ ହସ୍ତାନ୍ତର କରିଛନ୍ତି । କେନ୍ଦ୍ର

ସରକାରଙ୍କ ପ୍ରୋତ୍ସାହନ ବ୍ୟବସ୍ଥା ଏବଂ ମାଗଣା ସ୍ୱାସ୍ଥ୍ୟକାର୍ଡ଼ ସହିତ ଏହି ମାଓମାଦୀମାନଙ୍କୁ ପୁନର୍ବାସ ସହାୟତା ପ୍ରଦାନ କରାଯିବ । ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ଅନ୍ୟ ମାଓବାଦୀମାନଙ୍କୁ ଶ୍ରୀ ରେଡ୍ଡି ଆହ୍ୱାନ ଦେଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କଦ୍ୱାରା ନିର୍ଦ୍ଧାରିତ ମାଓମୁକ୍ତ ସମୟସୀମା ଗତ ମାର୍ଚ୍ଚ ମାସରେ ଶେଷ ହୋଇଛି ।

## ବୈଷ୍ଣବ - ବୁଲଟେ୍ ଟ୍ରେନ୍ ପ୍ଲାଣ୍ଟ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁ ବି.ଇ.ଏମ୍.ଏଲ୍.ଠାରେ ଆତ୍ମନିର୍ଭର ଦ୍ରୁତଗାମୀ ବୁଲେଟ୍ ଟ୍ରେନ୍ ନିର୍ମାଣ କାରଖାନା ଆଦିତ୍ୟର ଉଦ୍‌ଘାଟନ କରିଛନ୍ତି । ଆକାଶବାଣୀ ଏବଂ ଦୂରଦର୍ଶନକୁ ସାକ୍ଷାତ୍‌କାର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଆସନ୍ତା ବର୍ଷ ଏହି ଟ୍ରେନ୍‌ର ଆଦର୍ଶ ନମୁନା ପ୍ରସ୍ତୁତ ହେବା ସହ ଟ୍ରେନ୍‌ର ଉତ୍ପାଦନ ଆରମ୍ଭ ହେବ ।

ଆଉ କିଛି ମାସ ପରେ ବେଙ୍ଗାଲୁରୁ ମାଙ୍ଗାଲୁରୁ ମାଡ଼ଗାଓଁ ବନ୍ଦେ ଭାରତ ରେଳସେବା ଉପଲବ୍ଧ ହେବ ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଘୋଷଣା କରିଛନ୍ତି । ବେଙ୍ଗାଲୁରୁ-ମୁମ୍ବାଇ ମଧ୍ୟରେ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଏବଂ ଅନ୍ୟ ଦ୍ରୁତଗାମୀ ଟ୍ରେନ୍ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବା ନେଇ ମନ୍ତ୍ରୀ ସୂଚନା

ଦେଇଛନ୍ତି । ବେଙ୍ଗାଲୁରୁ ନଗର ଉପକଣ୍ଠ ରେଳପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## ଅର୍ଘାଚି - ପାକିସ୍ତାନ

ଇରାନ୍‌ର ବୈଦେଶିକ ମନ୍ତ୍ରୀ ଅଲ୍ଲୀ ଆବ୍‌ବାସ୍ ଅର୍ଘାଚୀ ଆଜି ଇସ୍‌ଲାମାବାଦଠାରେ ପାକିସ୍ତାନ ସେନାମୁଖ୍ୟ ଫିଲ୍‌ଡ୍ ମାର୍ଶାଲ୍ ଅସିମ୍ ମୁନିର୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପାକିସ୍ତାନ୍ ସ୍ଥିତ ଇରାନ୍ ଦୂତାବାସ ପକ୍ଷରୁ ଏ ସଂକ୍ରାନ୍ତ ଏକ ଭିଡ଼ିଓ ଜାରି କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇରାନ୍‌ର ଉପ-ବୈଦେଶିକ ମନ୍ତ୍ରୀ କାଜେମ୍ ଘରିବାବାଦି, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ୍ ବାଘାଇ ଏବଂ ପାକିସ୍ତାନସ୍ଥିତ ଇରାନ୍ ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପାକିସ୍ତାନ ପକ୍ଷରୁ ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ ନକ୍‌ବୀ ଏବଂ ଅନ୍ୟାନ୍ୟ ପଦାଧିକାରୀ ଆଲୋଚନାରେ ଯୋଗ ଦେଇଥିଲେ ।

ପାକିସ୍ତାନ ନେତୃବୃନ୍ଦଙ୍କ ସହ ଆଲୋଚନା ଲକ୍ଷ୍ୟ ନେଇ ବୈଦେଶିକ ମନ୍ତ୍ରୀ ଶ୍ରୀ ଅର୍ଘାଚି ଗତକାଲି ଇସ୍‌ଲାମାବାଦରେ ପହଞ୍ଚିଥିଲେ । ତେବେ ୱାଶିଂଟନ ଓ ତେହେରାନ୍ ମଧ୍ୟରେ ସେଠାରେ ସିଧାସଳଖ ଆଲୋଚନା ନେଇ

ଅନିଶ୍ଚିତତା ରହିଛି । ଇରାନ୍ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଇସ୍‌ଲାମାବାଦଠାରେ ୱାଶିଂଟନ୍ ସହିତ କୌଣସି ପ୍ରକାର ସିଧାସଳଖ ଆଲୋଚନା ନେଇ ଯୋଜନା ନାହିଁ ।

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଏବଂ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶ୍‌ନର ଇରାନ୍ ସହ ଆଲୋଚନାପାଇଁ ପାକିସ୍ତାନ ଗସ୍ତରେ ଯାଉଥିବା ନେଇ ହ୍ୱାଇଟ୍ ହାଉସ୍ ସୂଚନା ଦେଇଛି । ଗତ ୧୧ ଓ ୧୨ ତାରିଖରେ ଇସ୍‌ଲାମାବାଦଠାରେ ଆମେରିକା ଓ ଇରାନ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଆଲୋଚନାରୁ ନିଷ୍କର୍ଷ ବାହାରି ପାରି ନ ଥିଲା । ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଇରାନ୍ ସହିତ ଦୁଇ ସପ୍ତାହର ଯୁଦ୍ଧବିରତି ଗତ ମଙ୍ଗଳବାର ଦିନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଫଳରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ନେଇ ଏକ ଚୁକ୍ତିନାମା ପାଇଁ ଅଧିକ ସମୟ ମିଳିଛି ।

## ରୁଷ୍-ୟୁକ୍ରେନ୍ ଷ୍ଟାଇକ୍

ରୁଷ୍‌ର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ୟୁକ୍ରେନ୍‌ର ନିପ୍ରୋ ଅଞ୍ଚଳର ୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି । ସେହି ଅଞ୍ଚଳର ମୁଖ୍ୟ ଓଲେକ୍‌ଜାଣ୍ଡର ଗାଞ୍ଜା କହିଛନ୍ତି, ଗତକାଲି

ବିଳମ୍ବିତ ରାତିରେ ରୁଷ୍‌ର ଆକ୍ରମଣ ଫଳରେ ଗୋଟିଏ ଘର ନଷ୍ଟ ହୋଇଥିଲା ଏବଂ ସେଠାରୁ ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ୧୧ ଜଣ ବ୍ୟକ୍ତି ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଦିମିର ଜେଲେନେସ୍କି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏକ ଡ୍ରୋନ୍ ଆକ୍ରମଣରେ ରୁଷ୍‌ର ବେଲ୍‌ଗୋରଡ୍ ଅଞ୍ଚଳର ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ପୁରୁଷ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି ।

## ଅଷ୍ଟ୍ରେଲିଆ-ଇଣ୍ଡିଆ ରିଲେସନ୍

ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆର ଉଚ୍ଚାୟୁକ୍ତ ଫିଲିପ୍ ଗ୍ରୀନ୍ କହିଛନ୍ତି, ଦୁଇ ଦେଶ ମଧ୍ୟରେ ସମ୍ପର୍କ ଉଚ୍ଚସ୍ତରରେ ପହଞ୍ଚିଛି । ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ଶ୍ରୀ ଗ୍ରୀନ୍ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣକୁ ଆଧାର କରି ଚତୁଃପାର୍ଶ୍ୱ ସୁରକ୍ଷା ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଛି । ଉଭୟ ଦେଶ ମଧ୍ୟରେ ଅର୍ଥନୀତି କ୍ଷେତ୍ରରେ ଦୃଢ଼ ସହଭାଗିତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ଅଷ୍ଟ୍ରେଲିଆର ପ୍ରତିରକ୍ଷା ମୁଖ୍ୟ ବ୍ରିଗେଡିୟର ଡାମିଆନ୍ ହିଲ୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ବିଗତ ୪ ବର୍ଷ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀ ସୃଷ୍ଟି ହୋଇଛି । ବୈଶ୍ୱିକ ଉତ୍ତେଜନା

ପରିସ୍ଥିତି ସତ୍ତ୍ୱେ ଦ୍ୱନ୍ଦ୍ୱମୁକ୍ତ ପ୍ରଣାଳୀ ଉନ୍ମୁକ୍ତ କରିବା ଏବଂ ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ କରିବା ଉପରେ ଶ୍ରୀ ଗ୍ରୀନ୍ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ପ୍ରଥମ ମ୍ୟାଚ୍ ଜାରି ରହିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦିଲ୍ଲୀ କ୍ୟାପିଟାଲ୍‌ସ ୨ ୱିକେଟ୍ ବିନିମୟରେ ୨୬୪ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ କେ.ଏଲ୍. ରାହୁଲ୍ ଅପରାଜିତ ୧୫୨ ରନ୍ ଏବଂ ନୀତିଶ ରାଣା ୯୧ ରନ୍ ସଂଗ୍ରହ କରିଥିଲେ । ୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ୍ କିଙ୍ଗ୍‌ସର ବ୍ୟାଟିଂ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ପଞ୍ଜାବ କିଙ୍ଗ୍‌ସ ୧୩ ଓଭର୍‌ରେ ୩ ୱିକେଟ୍ ହରାଇ ୧୭୯ ରନ୍ ସଂଗ୍ରହ କରିଛି ।

ଆଜିର ଦ୍ୱିତୀୟ ମ୍ୟାଚ୍ ଆଉ କିଛି ସମୟପରେ ରାଜସ୍ଥାନ ରୟାଲ୍‌ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ । ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****